**15th G20 Leaders’ Summit (November 21-22, 2020)**
**19 Nov, 2020**

---

## 15ତମ ଜି20 ନେତୃବୃନ୍ଦଙ୍କ ସମ୍ମିଳନୀ (ନଭେମ୍ବର 21-22, 2020)

19 ନଭେମ୍ବର୍, 2020

ଦୁଇ ପବିତ୍ର ମସଜିଦ ଓ ସାଉଦି ଆରବ ସାମ୍ରାଜ୍ୟର ସଂରକ୍ଷକ ମହାମହିମ କିଙ୍ଗ ସଲମାନ ବିନ ଅବଦୁଲାଜିଜ ଅଲ ସଉଦଙ୍କ ଆମନ୍ତ୍ରଣକ୍ରମେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ସାଉଦି ଆରବ ସାମ୍ରାଜ୍ୟ ପକ୍ଷରୁ ‘ସମସ୍ତଙ୍କ ପାଇଁ ଏକବିଂଶ ଶତାବ୍ଦୀର ସୁଯୋଗକୁ ହୃଦୟଙ୍ଗମ କରିବା’ ଶୀର୍ଷକରେ ନଭେମ୍ବର 21-22, 2020ରେ ହେବାକୁ ଥିବା 15ତମ ଜି20 ସମ୍ମିଳନୀରେ ଯୋଗଦେବେ । ଏହି ସମ୍ମିଳନୀ ଭର୍ଚୁଆଲ ଫର୍ମାଟରେ ଆୟୋଜିତ ହେବ ।

ଆଗାମୀ ଶିଖର ସମ୍ମିଳନୀ ହେଉଛି 2020ରେ ଜି20 ନେତୃବୃନ୍ଦଙ୍କ ଦ୍ୱିତୀୟ ବୈଠକ । ପ୍ରଧାନମନ୍ତ୍ରୀ ଏବଂ ସାଉଦି ଆରବର କ୍ରାଉନ ପ୍ରିନ୍ସଙ୍କ ମଧ୍ୟରେ ଟେଲିଫୋନ ଯୋଗେ ବାର୍ତ୍ତାଳାପ ପରେ, 2020 ମାର୍ଚ୍ଚରେ ଅନ୍ତିମ ଜି20 ନେତାଙ୍କ ଶିଖର ସମ୍ମିଳନୀ ଆୟୋଜିତ ହୋଇଥିଲା, ଯେଉଁଠାରେ ନେତାମାନେ କୋଭିଡ-19 ମହାମାରୀର ମୁକାବିଲା ବାବଦରେ ସହାୟତା କରିବା ଏବଂ ଏକ ଅନ୍ତର୍ଜାତୀୟ ସମନ୍ୱିତ ପ୍ରତିକ୍ରିୟା ପ୍ରଦର୍ଶନ ଲାଗି ଜି20 ରାଷ୍ଟ୍ରଗୁଡ଼ିକ ମଧ୍ୟରେ ଏକ ସମୟୋଚିତ ବୁଝାମଣା ବିକଶିତ କରିଥିଲେ ।

ଆଗାମୀ ଜି20 ଶିଖର ସମ୍ମିଳନୀରେ କୋଭିଡ-19କୁ ପ୍ରତିହତ କରିବା ପାଇଁ ଏକ ସାମୂହିକ, ନମନୀୟ ତଥା ସ୍ଥାୟୀ ସୁଧାର ଉପରେ ଗୁରୁତ୍ୱ ଦିଆଯିବ । ଜି20 ଶିଖର ସମ୍ମିଳନୀ ବେଳେ ନେତାମାନେ ମହାମାରୀ ପ୍ରସ୍ତୁତି ଏବଂ ନିଯୁକ୍ତି କ୍ଷେତ୍ରକୁ ପୁନଃ ସଂଚାଳିତ କରିବା ପ୍ରସଙ୍ଗରେ ଆଲୋଚନା କରିବେ । ଏଥିସହ ଏକ ସମାବେଶୀ, ନିରନ୍ତର ତଥା ବିକଶିତ ଭବିଷ୍ୟତ ନିର୍ମାଣ ନିମନ୍ତେ ନେତାମାନେ ସେମାନଙ୍କ ଦୃଷ୍ଟିକୋଣ ବିନିମୟ କରିବେ ।

ସାଉଦି ଆରବ ସହ ଭାରତ ଜି20 ଟ୍ରୋଇକାରେ ପ୍ରବେଶ କରିବ, ଯେବେ କି ଇଟାଲୀ 1 ଡିସେମ୍ବର 2020ରେ ଜି20ର ଅଧ୍ୟକ୍ଷତା ଭାର ହାତକୁ ନେବ ।

ନୂଆ ଦିଲ୍ଲୀ
19 ନଭେମ୍ବର୍, 2020

DISCLAIMER: This is an approximate translation. The original is available in English on MEA’s website and may be referred to as the official press release.